ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ପୁରୀ, ତା ୧.୭ :- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତ୍ରୟୋଦଶାହ ମହୋତ୍ସବ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ସହଯୋଗ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଇଥିଲା । ଇଚ୍ଛୁକ ବ୍ୟକ୍ତି ଓ ଅନୁଷ୍ଠାନମାନେ ସେମାନଙ୍କର ସହଯୋଗ ବାବଦ ଅର୍ଥରାଶି ଶ୍ରୀମନ୍ଦିର ପ୍ରଶାସନ ବ୍ୟାଙ୍କ୍ ଏକାଉଣ୍ଟ୍ ଏବଂ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟ ଓ ସୂଚନା କେନ୍ଦ୍ରରେ ଜମା କରିବା ପାଇଁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଯାଇଥିଲା । ଏହାକୁ ଆଧାର କରି ଅନେକ ବଦାନ୍ୟ ବ୍ୟକ୍ତି ତଥା ଅନୁଷ୍ଠାନ ଦାନ କରିଥିଲେ । ବିଶେଷ କାରଣରୁ ଲକ୍ଷାଧିକ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ମହାପ୍ରସାଦ ସେବନକୁ ସ୍ଥଗିତ ରଖାଯାଇଥିଲା । ଏଥିପାଇଁ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଉଅଛି ।

ଦାନରେ ଆଦାୟ ହୋଇଥିବା ଅର୍ଥରାଶି ବ୍ୟୟ ହୋଇପାରିନଥିବା ଯୋଗୁଁ ଏହାକୁ ଫେରସ୍ତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଯେଉଁମାନେ ସିଧାସଳଖ ଅର୍ଥ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟ କିମ୍ବା ସୂଚନା କେନ୍ଦ୍ରରେ ପୈଠ କରିଥିଲେ ସେମାନେ ଏହା ପ୍ରାପ୍ତ ହେବାପାଇଁ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀଙ୍କ ନାମରେ ମୂଳ ଦାନ ରସିଦ୍ ସଂଲଗ୍ନ କରି ଆବେଦନ କରିପାରିବେ । ସେମାନେ ଆବେଦନ ପତ୍ରରେ ସେମାନଙ୍କ ସଂପୂର୍ଣ୍ଣ ନାମ, ଠିକଣା, ମୋବାଇଲ୍ କିମ୍ବା ଫୋନ୍ ନମ୍ବର, ବ୍ୟାଙ୍କ ଏକାଉଣ୍ଟ୍ ନମ୍ବର, ଆଇ.ଏଫ୍.ସି. କୋଡ୍, ବ୍ୟାଙ୍କ୍ ନାମ ଉଲ୍ଲେଖ କରିବେ ଯଦ୍ଦ୍ୱାରା ଅର୍ଥ ଫେରସ୍ତ ପାଇଁ ସୁବିଧାଜନକ ହୋଇପାରିବ । ଏତଦ୍‌ବ୍ୟତୀତ ଯେଉଁମାନେ ବ୍ୟାଙ୍କ୍ ଏକାଉଣ୍ଟ ନମ୍ବର ୪୯୧୭୧୧୭୩୦ ( ଆଇ.ଏଫ୍.ସି କୋଡ୍- ଆଇ.ଡି.ଆଇ.ବି-୦୦୦ପି୫୬୭) ରେ ଅର୍ଥ ଜମା କରିଥିଲେ ସେମାନେ ବ୍ୟାଙ୍କ୍ ଚାଲାଣ ସହ ଉପରୋକ୍ତ ପ୍ରକାରେ ଆବେଦନ କରିପାରିବେ ।

ପ୍ରଦୀପ୍ତ ମହାପାତ୍ର
1/7/2015
ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ